# ହରହର ମହାଦେବ ଧ୍ୱନିରେ ଶୈବପୀଠ ପ୍ରକମ୍ପିତ

## ରାତି ୧୦.୩୦ରେ ଉଠିଲା ମହାଦୀପ

ଚଣ୍ଡିଖୋଲ,୨୬।୨(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲାର ବିଭିନ୍ନ ଶୈବପୀଠରେ ବୁଧବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ମନ୍ଦିର ଯାଇ ପୂଜାର୍ଚ୍ଚନା କରିବା ସହ ଦୀପ ଜାଳିଛନ୍ତି। ସବୁ ମନ୍ଦିରରେ ମହାଦୀପ ଉଠିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସବୁଠି ଶ୍ରଦ୍ଧାଳୁ ଶିବ ନାମ ଜପ କରିଥିଲେ। ହରହର ମହାଦେବ ଧ୍ୱନିରେ ଶୈବପୀଠ ପ୍ରକମ୍ପିତ ହୋଇଥିଲା। ଜିଲାର ପ୍ରସିଦ୍ଧ ମହାବିନାୟକ ପୀଠରେ ରାତି ୧୦ଟା୩୦ରେ ମହାଦୀପ ଉଠିଛି। ପଞ୍ଚଦେବତାଙ୍କ ପୀଠ ଭାବେ ପରିଚିତ ମହାବିନାୟକ ପୀଠରେ ପୂର୍ବାହ୍ନ ୧୦ଟା ପରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଏଠାକୁ ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଢ଼େଙ୍କାନାଳ ଜିଲାରୁ ବହୁ ସଂଖ୍ୟକ ଭକ୍ତ ଆସିଥିବା ଦେଖାଯାଇଥିଲା। ମନ୍ଦିର ପ୍ରଶାସନ ଓ ଜିଲା ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଧାଡ଼ି ବ୍ୟବସ୍ଥା କରାଯାଇଥିଲା। ଜଣେ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯାଇଛି। ତିନି ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ବ୍ୟବସ୍ଥା ହୋଇଛି। ବିଧାୟକ ଅମର କୁମାର ନାୟକ ଓ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ସପତ୍ନିକ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ।



ଧର୍ମଶାଳା ବ୍ଲକ ଅଧୀନ କୋତପୁରସ୍ଥିତ ବୁଦ୍ଧଲିଙ୍ଗ ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁ ଦୀପ ଜାଳୁଛନ୍ତି।



ମହାବିନାୟକଙ୍କ ପୀଠ ପରିସରରେ ଶ୍ରଦ୍ଧାଳୁ ଦୀପ ଜାଳୁଛନ୍ତି।

## ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଭକ୍ତଙ୍କ ଲମ୍ବା ଧାଡ଼ି

ଧର୍ମଶାଳା/କାଏମା,୨୬।୨
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ଭକ୍ତମାନେ ଶୈବପୀଠକୁ ଯାଇ ମହାଦେବଙ୍କୁ ଦର୍ଶନ କରିଛନ୍ତି। ଜାରକାନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିରରେ ଭକ୍ତ ଲମ୍ବା ଧାଡ଼ିରେ ଯାଇ ମହାଦେଙ୍କ ପୂଜାର୍ଚ୍ଚନା କରିଛନ୍ତି। ମନ୍ଦିର ଟ୍ରଷ୍ଟ କମିଟି ପକ୍ଷରୁ ଟ୍ରଷ୍ଟି ବେଣୁଧର ନାୟକ, ଯୁଧିଷ୍ଠିର ସ୍ୱାଇଁ, ବିଜୟ ରାୟ, ପ୍ରଫୁଲ ରାୟ, ନନ୍ଦ କିଶୋର ସ୍ୱାଇଁ, ଶ୍ୟାମସୁନ୍ଦର ରାୟ, ଦୁଃଶାସନ ସ୍ୱାଇଁ ପ୍ରମୁଖ ସଦସ୍ୟମାନେ ସହାୟତା କରିଥିଲେ। ସେହିପରି ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିରରେ ଅନୁଷ୍ଠିତ ଜାଗର ଉତ୍ସବକୁ କମିଟି ପକ୍ଷରୁ ଅଜୟ ମହାପାତ୍ର, କିଶୋର ନାୟକ, ସତ୍ୟପ୍ରିୟ ମହାନ୍ତି, ଅନିରୁଦ୍ଧ ରାଉତ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଜାରକା ଟ୍ୟାକ୍ସିଷ୍ଟାଣ୍ଡ ନିକଟ ଚନ୍ଦନେଶ୍ୱର, କୋତପୁରସ୍ଥିତ ବୁଦ୍ଧଲିଙ୍ଗ ମହାଦେବ ମନ୍ଦିର, ନୀଳାଦେଇପୁରସ୍ଥିତ ଜ୍ଞାନେଶ୍ୱର ମନ୍ଦିର, ମିର୍ଜାପୁରସ୍ଥିତ ପାଳେଶ୍ୱର ମନ୍ଦିର, ଚୋରମୁହାଁସ୍ଥିତ ନଣ୍ଡା ମହାଦେବ ମନ୍ଦିର, ସ୍ୱପ୍ନେଶ୍ୱର ମହାଦେବ, ଝାଡେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମହାଦେବ ମନ୍ଦିର, ଗଙ୍ଗେଶ୍ୱର ମହାଦେବ, ଲୋକନାଥ ମହାଦେବ ମନ୍ଦିର, ପଲାରସ୍ଥିତ ମହାଦେବ ମନ୍ଦିର, ନୂଆଗାଁ ସ୍ଥିତ ଶିବ ମନ୍ଦିର ଓ ପଣ୍ଡୁଆସ୍ଥିତ ମହାଦେବ ମନ୍ଦିରରେ ମହାଶିବରାତ୍ରି ମହାଆଡମ୍ବରରେ ପାଳିତ ହୋଇଛି। ଭକ୍ତମାନେ ଦୀପ ଜଳାଇ ମହାଦୀପ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ଶୈବପୀଠରେ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।



ଗୋକର୍ଣ୍ଣେଶ୍ୱରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଧାଡ଼ିରେ ଯାଉଛନ୍ତି।

## ବରୁଣେଶ୍ୱରଙ୍କ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ

ବିଞ୍ଝାରପୁର,୨୬।୨(ରାମକୃଷ୍ଣ ଦାସ)

ବିଞ୍ଝାରପୁର ବ୍ଲକ୍ ଅଞ୍ଚଳରେ ଥିବା ସମସ୍ତ ଶୈବପୀଠରେ ବୁଧବାର ମହାଶିବରାତ୍ରି ପାଳିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ଶୈବପୀଠ ବାବା ବରୁଣେଶ୍ୱରଙ୍କ ମନ୍ଦିରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲାବେଳେ ରାତ୍ର ୧୦ଟା୩୦ରେ ମହାଦୀପ ପ୍ରଜ୍ଜ୍ୱଳନ କରାଯାଇଥିଲା। ସେହିପରି ମାଁସଡ଼ାସ୍ଥିତ ବାବା ଖରିଆଶ୍ୱର, ଗୌଡ଼ସାହିସ୍ଥିତ ବାବା କଲ୍ୟାଣେଶ୍ୱର, କଲ୍ୟାଣପୁରସ୍ଥିତ ବାବା ବରୁଣେଶ୍ୱର, ବାବା ସମଲେଶ୍ୱର, ଅରିଲୋସ୍ଥିତ ବାବା ଶ୍ୟାମେଶ୍ୱର ଶୈବପୀଠରେ ମେହାଶିବରାତ୍ରି ପାଳିତ ହୋଇଥିଲା।



ବରୁଣେଶ୍ୱରଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଛି।

## 'ବାବା ମୁକ୍ତେଶ୍ୱର' କ୍ୟାସେଟ ଉନ୍ମୋଚନ

ସିଂହପୁର,୨୬।୨
(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ଛୋଟାଗଡ଼ି ବିଲସାହିର ପ୍ରସିଦ୍ଧ ଶୈବପୀଠ ବାବା ମୁକ୍ତେଶରଙ୍କ ଉପରେ ଗୀତ କ୍ୟାସେଟ ରିଲିଜ ହୋଇଛି। ଏହି କ୍ୟାସେଟରେ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଓଡ଼ିଶାର ସୁନାମଧନ୍ୟ ଗାୟିକା ତଥା ରିଏଲିଟି ଶୋ ସ୍ୱରଲକ୍ଷ୍ମୀର ବିଜେତା ଅରୂପମା ନାୟକ କଣ୍ଠଦାନ କରିଛନ୍ତି। ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସ ଗୀତ ରଚନା କରିଛନ୍ତି। କ୍ୟାସେଟ ଉନ୍ମୋଚନ ଉତ୍ସବରେ ସରପଞ୍ଚ ଜ୍ଞାନରଞ୍ଜନ ଜେନା ଉପସ୍ଥିତ ଥିଲେ।

## ବ୍ୟାସନଗର ସହରରେ ମହାଶିବରାତ୍ରି ପାଳିତ

ଯାଜପୁରରୋଡ୍,୨୬।୨(ପବିତ୍ର ରଞ୍ଜନ ମହାନ୍ତି)

ବ୍ୟାସନଗର ସହରର ବିଭିନ୍ନ ଶିବାଳୟରେ ମହାଶିବରାତ୍ରି ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ଶିବ ମନ୍ଦିରଗୁଡ଼ିକ ଚଳଚଞ୍ଚଳ ହୋଇଉଠିଥିଲା। ଜାଗର ଉପବାସ କରିଥିବା ଶ୍ରଦ୍ଧାଳୁ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରଗୁଡ଼ିକୁ ଫୁଲରେ ସଜା ଯିବା ସହ ଆଲୋକୀକରଣ କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇ ଭିଡ଼ ନିୟନ୍ତ୍ରଣ କରାଯାଇଥିଲା। ସହରର କହ୍ନେଇପୁରସ୍ଥିତ ଚନ୍ଦ୍ରଶେଖର, ଚାନ୍ଦମା ଗ୍ରାମର ଚନ୍ଦନେଶ୍ୱର, ଧବଳଗିରିସ୍ଥିତ ଧବଳେଶ୍ୱର, ହାଉସିଂ ବୋର୍ଡ କଲୋନୀର ବିଶ୍ୱନାଥ ମନ୍ଦିର, ନାହକାର ଅଭୟେଶ୍ୱର, ନଟପଡ଼ାର ନୀଳକଣ୍ଠେଶର, ଚୋରଦା ଶାମେଶ୍ୱର, ବୀରମଣିପୁର ସପ୍ତେଶର, ଟିଂଇସ କଲୋନୀ ସ୍ଥିତ ମହାଦେବ, ବଗେଇ ବିଶ୍ୱେଶ୍ୱର ଆଦି ଶୈବପୀଠରେ ଭକ୍ତଙ୍କ ଗହଳି ଲାଗିରହିଥିଲା। ମନ୍ଦିର କମିଟି ପକ୍ଷରୁ ନାମ ସଂକୀର୍ତ୍ତନ, ଭଜନ ସନ୍ଧ୍ୟା ସହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ରାତି ୧୦ଟା ସୁଦ୍ଧା ପ୍ରାୟ ମନ୍ଦିରରେ ମହାଦୀପ ଉଠିଥିଲା।



ବ୍ୟାସନଗର ନହକାସ୍ଥିତ ଅଭୟେଶ୍ୱର ସଜା ହୋଇଛି।

## ଲିଙ୍ଗେଶ୍ୱର ପୀଠରେ ମହାଶିବରାତ୍ରି

ପାଣିକୋଇଲି,୨୬।୨(ବିକାଶ ମଲ୍ଲିକ)

କୋରେଇ ବ୍ଲକ୍ ଅଧୀନ ମୂଳାପାଳସ୍ଥିତ ପ୍ରସିଦ୍ଧ ଶୈବପୀଠ ବାବା ଲିଙ୍ଗେଶ୍ୱର ପୀଠରେ ମହାଶିବରାତ୍ରି ପାଳିତ ହୋଇଛି। ଏଠାରେ ରାତି ୧୨ଟାରେ ମହାଦୀପ ଉଠିଛି। ସେହିପରି ପାଣିକୋଇଲି, ପଥରପଦା, ଓଟିନ୍ଦା, ମୁଲରୀ, ତାଜପୁର, ଖସାଗଡିଆ, ଧନପୁର, ନୂଆପଦା, କାଜିପାଟଣା, ଦାମୋଦରପୁର, ଅଳତିରି, ବଡବରୁଣାଇପଦା ସମେତ ସମସ୍ତ ଶୈବପୀଠରେ ଜାଗର ମହାସମାରୋହରେ ପାଳିତ ହୋଇଛି। ସେହିପରି ପାଣିକୋଇଲି ପଞ୍ଚାୟତର ଅଳତିରି ଗ୍ରାମରେ ଥିବା ପୁରାତନ ଶୈବ ପୀଠ ବାବା ପଙ୍କଜେଶ୍ୱରଠାରେ ମହା ଶିବରାତ୍ରି ଓ ଜାଗର ଯାତ୍ରା ପାଳିତ ହୋଇଯାଇଛି।





ମୂଳାପାଳସ୍ଥିତ ବାବା ଲିଙ୍ଗେଶ୍ୱର ଓ ଅଳତିରିର ବାବା ପଙ୍କଜେଶ୍ୱର।



ବରୀ ବ୍ଲକ ଅଧୀନ ଶାମେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି।



ଯାଜପୁର ରୋଡ୍ ମହତାବନଗର ଦେବେଶ୍ୱର ମନ୍ଦିରରେ ମହାଦୀପ ଉଠୁଛି।

## ଜେନାପୁର ଅଞ୍ଚଳରେ ଜାଗର ଉତ୍ସବ

ଜେନାପୁର,୨୬।୨(ଅଶୋକ ଦାସ)

ଧର୍ମଶାଳା ବ୍ଲକ୍ ରଘୁନାଥପୁରସ୍ଥିତ ରଘୁନାଥେଶ୍ୱର ଶିବ ମନ୍ଦିରରେ ୧୫ ତମ ଜାଗର ଉତ୍ସବ ପାଳିତ ହୋଇଯାଇଛି। ଏଠାରେ ଜାଗର ଦୀପ ଜାଳିବା ପାଇଁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲା। ସେହିପରି ଚାରଗୋଠସ୍ଥିତ କଠଉଣୀଶ୍ୱର, ଧବେଳେଶ୍ୱର, ଆଖଣ୍ଡଳମଣିଶ୍ୱର, ବ୍ରହ୍ମପୁରସ୍ଥିତ ଅମୃତେଶ୍ୱର, ଗୋଡିପାଟିଆ ସ୍ଥିତ ରାମେଶ୍ୱର, କବଟବନ୍ଧସ୍ଥିତ କପଟିଶ୍ୱର, ବାଲୁଙ୍କେଶ୍ୱର, କପିଳେଶ୍ୱର, ତ୍ରିନାଥେଶ୍ୱର ଆଦି ଶୈବପୀଠରେ ମହାଶିବରାତ୍ରି ପାଳିତ ହୋଇଛି। ଏସବୁ ମନ୍ଦିରଗୁଡ଼ିକ ଦୀପ, ପୁଷ୍ପ ଓ ଆଲୋକ ମାଳାରେ ଝଲସି ଉଠୁଥିବା ଦେଖିବାକୁ ମିଳିଛି। ଶ୍ରଦ୍ଧାଳୁ ଉଜାଗର ରହି ଦୀପ ଜାଳିଥିଲେ। ମଧ୍ୟ ରାତ୍ରି ବେଳକୁ ମହାଦୀପ ଉଠିଥିଲା। ଜେନାପୁର ଥାନା ପକ୍ଷରୁ ସମସ୍ତ ଶୈବପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ରଞ୍ଜିତା



@ ରିଙ୍କୁ



@ ତପନ



@ ଶାଶ୍ୱତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିବାଳୟରେ ଜାଗର ଉତ୍ସବ

ଯାଜପୁର ଟାଉନ,୨୬।୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଶିବଲିଙ୍ଗ କ୍ଷେତ୍ର ଯାଜପୁରର ବିଭିନ୍ନ ଶିବାଳୟରେ ଜାଗର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। କ୍ଷେତ୍ରେଶ୍ୱରୀ ମା' ବିରଜାଙ୍କ ବେଢ଼ା ମଧ୍ୟରେ ଥିବା ସର୍ବପ୍ରାଚୀନ ଶିବଲିଙ୍ଗ ଈଶାନେଶ୍ୱରଙ୍କୁ କେନ୍ଦ୍ରକରି କାଳ୍ପନିକ ତ୍ରିଭୁଜର ତିନିକୋଣରେ ଥିବା ବେଲେଶ୍ୱର, ବରୁଣେଶ୍ୱର ଓ ଖିଲାଟେଶ୍ୱର ଶୈବପୀଠ ସମେତ ସହର ମଧ୍ୟରେ ଥିବା ସମସ୍ତ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଅଭୁତପୂର୍ବ ଭିଡ଼ ଦେଖାଯାଇଥିଲା। ଗଙ୍ଗେଶ୍ୱର, ଧବଳେଶ୍ୱର, ଲଳିତେଶ୍ୱର, ଈଶାଣେଶ୍ୱର, ଶିତଳେଶ୍ୱର, ଜ୍ଞାନେଶ୍ୱର, ଏକାଦଶରୁଦ୍ର, ଇନ୍ଦ୍ରଆଖଣ୍ଡଳେଶ୍ୱର, ବୈଦ୍ୟନାଥ, ସିଦ୍ଧେଶ୍ୱର, ଉତ୍ତରେଶ୍ୱର, ତ୍ରିଲୋଚନେଶ୍ୱର, ଆଖଣ୍ଡଳେଶ୍ୱର, ଦାରୁକେଶ୍ୱର, ଶ୍ରୀରାମେଶ୍ୱର, ଅଗ୍ନେଶ୍ୱର, ମୁକ୍ତେଶ୍ୱର, ଜଳେଶ୍ୱର, ବାଣେଶ୍ୱର, ମାନେଶ୍ୱର, କପିଳେଶ୍ୱର, ବଲ୍ଲଭେଶ୍ୱର ମନ୍ଦିରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲକ୍ଷ୍ୟ କରାଯାଇଥିଲା। ଲୋକନାଥ, ଜଟେଶ୍ୱର ପାଣି, ନାରାୟଣେଶ୍ୱର, ପ୍ରଭାକେଶ୍ୱର, ଗୋଧନେଶ୍ୱର, ତିଳଭାଣ୍ଡେଶ୍ୱର, ଯମେଶ୍ୱର, ଲୋକନାଥ ଓ ବିରଜା ମନ୍ଦିର ପରିସରରେ ସ୍ଥାପିତ ୧୦୮ଶିବଲିଙ୍ଗ ସ୍ଥଳୀରେ ମଧ୍ୟ ଭକ୍ତଙ୍କ ଅହେତୁକ ଭିଡ଼ ପରିଲକ୍ଷିତ ହୋଇଥିଲା। ବୈତରଣୀ ନଦୀର ଉତ୍ତର ପାର୍ଶ୍ୱରେ ଥିବା ବୈଦ୍ୟନାଥ ପୀଠରେ ୧୫ତାରିଖଠାରୁ ଆରମ୍ଭ ହୋଇଥିବା ବାଦୀପାଲା, ଲଳିତଡେଶ୍ୱର ମନ୍ଦିର ନିକଟସ୍ଥ ବାଣିଜ୍ୟ ମେଳା ଓ ବେଲେଶ୍ୱର ଶୈବପୀଠ ନିକଟରେ ଯଜ୍ଞ ଦେଖିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଲଳିତେଶ୍ୱର, ବରୁଣେଶ୍ୱର, ବେଲେଶ୍ୱର, ତ୍ରିଲୋଚନେଶ୍ୱର, ବୈଦ୍ୟନାଥ ଓ ଈଶାନେଶ୍ୱର ମନ୍ଦିର ନିକଟରେ ଅସଂଖ୍ୟ ଜନସମୁଦ୍ର ସୃଷ୍ଟିହୋଇଥିବାରୁ ଜିଲା ପୋଲିସ ପକ୍ଷରୁ ଶୃଙ୍ଖଳା ରକ୍ଷା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥିଲା।



ମୁକ୍ତେଶ୍ୱର ପୀଠ।

# ଜାଗର ଉପଲକ୍ଷେ ଗୋରେଖନାଥ ପୀଠ ଉତ୍ସବମୁଖର

ରଘୁନାଥପୁର, ୨୬।୨ (ରାଜେନ୍ଦ୍ର ନାରାୟଣ ସିଂହ)

ପବିତ୍ର ମହାଶିବରାତ୍ରି ତଥା ଜାଗର ଉପଲକ୍ଷେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଉତ୍ସବ ମୁଖର ହୋଇଉଠିଛି। ପ୍ରତ୍ୟୁଷରୁ ପ୍ରଭୁଙ୍କ ମଙ୍ଗଳ ଆରତି କାର୍ଯ୍ୟ ସମାପନ ପରେ ପୀଠ ମଧ୍ୟକୁ ଶ୍ରଦ୍ଧାଳୁ ମାନସିକଧାରୀଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଶ୍ରଦ୍ଧାଳୁଙ୍କ ଭିଡ ବୃଦ୍ଧି ପାଇବାରେ ଲାଗିଥିଲା। ସନ୍ଧ୍ୟାରେ ଆଶାତୀତ ଭାବେ ଓଷେଇତିଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରଭୁଙ୍କ ସମ୍ମୁଖରେ ଦୀପଜାଳି ବସି ରହିଥିଲେ। ରାତି ୧୦ଟାରେ ମହାଦୀପ ଉଠିଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ପରିସରରେ ତିର୍ତ୍ତୋଲ ଥାନା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଅସୁସ୍ଥତା ସତ୍ତ୍ୱେ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଜା ଉପସ୍ଥିତ ରହି କମିଟି ସଦସ୍ୟ ଆଇନଜୀବୀ ଜୀବନବଲ୍ଲଭ ମହାନ୍ତିଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକୁ ନିରୀକ୍ଷଣ କରିଥିଲେ। ପୀଠର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଏହାଛଡା ବ୍ଲକ ଅଞ୍ଚଳରେ ଥିବା କୋରୋକୋରା ରୁଦ୍ରେଶ୍ୱର ମହାଦେବ, ତାରପୁର ବାନାମ୍ବର, ତରିକୁନ୍ଦ ଉତ୍ତରେଶ୍ୱର, ବରାଗୋଳ ଇସାଣେଶ୍ୱର, ଶୀର୍ଲୋ ବୁଢାଲିଙ୍ଗେଶ୍ୱର, ସାଦେଇପୁର ଭଦ୍ରେଶ୍ୱର, ଉତ୍ତରକୂଳ ନୀଳକଣ୍ଠେଶ୍ୱର, ଗୋକୁଳପୁର ଆଖଣ୍ଡଳମଣି, ବର୍ତ୍ତି କପାଳେଶ୍ୱରଙ୍କ ସହ ଅନ୍ୟ ଶୈବପୀଠରେ ଜାଗର ପର୍ବ ପାଳିତ ହୋଇଯାଇଛି।


ଗୋରେଖନାଥ ପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଛନ୍ତି।

# ଗ୍ରାମେଶ୍ୱର ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ

ଏରସମା, ୨୬।୨ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଏରସମା ବ୍ଲକ ଅନ୍ତର୍ଗତ ନାରାଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠରେ ବୁଧବାର ମହାଶିବରାତ୍ରୀ ଅବସରରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପ୍ରଭାତରୁ କଳସ ସ୍ଥାପନ, ସୂର୍ଯ୍ୟପୂଜା କରାଯିବା ପରେ ଗ୍ରାମେଶ୍ୱର ମହାପ୍ରଭୁଙ୍କ ସ୍ନାନ ପରେ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଦ୍ୱାର ଖୋଲା ଯାଇଥିଲା। ଗ୍ରାମେଶ୍ୱର ଉଚ୍ଚ ବିଦ୍ୟାଳୟଠାରୁ ମନ୍ଦିର ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁଙ୍କ ଧାଡ଼ି ଲମ୍ବିଥିବା ଦେଖାଯାଇଥିଲା। ଅପରାହ୍ନ ସାଢ଼େ ୧ଟାରେ ସାନ ଧୂପ, ୨ଟାରେ ବଡ଼ଧୂପ ପରେ ସ୍ନାନ ଓ ସୁନାବେଶରେ ସଜ୍ଜିତ କରାଯାଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ଶିଶିର ବିଶ୍ୱାଳ, ସରପଞ୍ଚ ସୀମାଇ ଭୋଳ, କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମିଶ୍ର, ସ୍ମୃତି ରଞ୍ଜନ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ମନ୍ଦିର କମିଟି ପକ୍ଷରୁ ପ୍ରାଥମିକ ଚିକିତ୍ସା ଓ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରାଯାଇଥିଲା। ଏରସମା ଥାନା ଏସ୍‌ଆଇ ବିଭୂତି ଭୂଷଣ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୋଲିସ ପ୍ରଶାସନ ଶୃଙ୍ଖଳା ରକ୍ଷା କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ, ବାଲିକୁଦା-ଏରସମାର ପୂର୍ବତନ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ଜିଲା କଂଗ୍ରେସ ସଭାପତି ନଟବର ବାରିକ, ଭାଜପା ନେତା ସତ୍ୟସାରଥୀ ମହାନ୍ତି ପ୍ରମୁଖ ପ୍ରଭୁ ଗ୍ରାମେଶ୍ୱରଙ୍କୁ ଦର୍ଶନ କରିବାକୁ ଆସିଥିଲେ।


ପଞ୍ଚପଲ୍ଲୀ ଗ୍ରାମେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

# ମହାଶିବରାତ୍ରି: ଚାରିଆଡ଼େ ଭକ୍ତିମୟ ପରିବେଶ


ଗୋପାଳସାଗରସ୍ଥିତ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିରରେ ଶ୍ରଦ୍ଧାଳୁମାନେ ଧାଡିରେ ଯାଉଛନ୍ତି।

ଜଗତ୍‌ସିଂହପୁର, ୨୬।୨ (ପ୍ରମୋଦ କୁମାର ନାୟକ)

ମହାଶିବରାତ୍ର ନେଇ ବୁଧବାର ପ୍ରାତଃ ସମୟରୁ ମହାଦୀପ ଉଠିବା ପର୍ଯ୍ୟନ୍ତ ସାରା ଜିଲାରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ବିଶେଷକରି ମା'ମାନେ ପ୍ରାତଃ ନିକଟସ୍ଥ ଶୈବ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଅନେକ ଶ୍ରଦ୍ଧାଳୁ ସକାଳୁ ମହାଦୀପ ଉଠିବା ପର୍ଯ୍ୟନ୍ତ ନିଷ୍ଠାର ସହ ଉପବାସ କରିଥିଲେ। ବିଶେଷକରି ସନ୍ଧ୍ୟାରେ ଶୈବ ପୀଠଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ବୃଦ୍ଧାବୃଦ୍ଧ, ମହିଳାପୁରୁଷ, ଯୁବତୀଯୁବକ ଦୀପ ଜାଳି ମହାଦୀପ ଉଠିବା ପର୍ଯ୍ୟନ୍ତ ଉଜାଗର ରହିଥିଲେ। ଜିଲାର ପ୍ରସିଦ୍ଧ ଶୈବ ପୀଠ ଭାବେ ପରିଚିତ ଏରସମା ବ୍ଲକ ନାରଦିଆ ପଞ୍ଚାୟତ ଅନ୍ତର୍ଗତ ପଞ୍ଚପଲ୍ଲୀସ୍ଥିତ ଗ୍ରାମେଶ୍ୱର ମହାଦେବ ମନ୍ଦିର, ବିଅଁଳସ୍ଥିତ ଗଡେଶ୍ୱର ମହାଦେବ ମନ୍ଦିର ସମେତ ଜଗତ୍‌ସିଂହପୁର ସଦର ମହକୁମାସ୍ଥିତ ସୋମନାଥ ମହାଦେବ ମନ୍ଦିର, ଗୋପାଳସାଗରସ୍ଥିତ ମାର୍କଣ୍ଡେଶ୍ୱର ମହାଦେବ ମନ୍ଦିର, ବାରଙ୍ଗ ଜଗନ୍ନାଥ ମନ୍ଦିର ଆଦି ଶୈବ ପୀଠରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ଏପରି କି ଅନେକ ସ୍ଥାନରେ ପାଲା, ନାମ, ସଙ୍କୀର୍ତ୍ତନ, ଭଜନ ଓ କୀର୍ତ୍ତନରେ ସମଗ୍ର ଅଞ୍ଚଳ ଆଧ୍ୟାତ୍ମିକତାରେ ଉଛୁଳି ପଡୁଥିଲା। କେତେକ ସ୍ଥାନରେ ଭଜନ ସନ୍ଧ୍ୟାର ଆୟୋଜନ ମଧ୍ୟ ହୋଇଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଶୈବ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

# ଶିବରାତ୍ରି ପାଇଁ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଗହଳି


ଶ୍ରଦ୍ଧାଳୁମାନେ ମନ୍ଦିରରେ ଦୀପ ଜାଳୁଛନ୍ତି।

ଆଳି, ୨୬।୨ (ବନମାଳୀ ସେନାପତି)

ଶିବରାତ୍ରି ନିମନ୍ତେ ଆଳି ଅଞ୍ଚଳର ବିଭିନ୍ନ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଛି। ଶ୍ରଦ୍ଧାଳୁ ମାନେ ଜାଗର ବ୍ରତ ରଖି ଠାକୁର ଦର୍ଶନ କରିବା ନିମନ୍ତେ ମନ୍ଦିରରେ ସକାଳୁ ରାତି ପର୍ଯ୍ୟନ୍ତ ଭିଡ଼ ଜମାଇଛନ୍ତି। ଆଳି ଅଞ୍ଚଳର ତୁଳସୀଠାରେ ଥିବା ସ୍ୱପ୍ନେଶ୍ୱର ମହାଦେବ, ଲୋକାପଡାରେ ଥିବା କପିଳେଶ୍ୱର ମହାଦେବ ମନ୍ଦିର, ବଅଡିହ ଠାରେ ଥିବା ଇଶାଣେଶ୍ୱର ମହାଦେବ, କଳସପୁରର ନାଗେଶ୍ୱର ମହାଦେବ, ସାନଆଙ୍କୋର ଧବଳେଶ୍ୱର ମହାଦେବ, ନମୌଜାର କପିଳେଶ୍ୱର ମହାଦେବ ମନ୍ଦିର ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲାଗି ରହିଛି। ଶୈବପୀଠଗୁଡିକରେ ଜାଗର ଯାତ୍ରା ଧୁମଧାମରେ ପାଳନ କରାଯାଉଛି। ସମସ୍ତ ମନ୍ଦିରରେ ଯଜ୍ଞ ଅନୁଷ୍ଠିତ ହେଉଛି। ଶ୍ରଦ୍ଧାଳୁମାନେ ଦୀପ ଜାଳି ମନ୍ଦିର ସମ୍ମୁଖରେ ମହାଦୀପ ଉଠିବା ପର୍ଯ୍ୟନ୍ତ ବସିଥିଲେ। ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଛି।

# ବିଭିନ୍ନ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

କୁଜଙ୍ଗ, ୨୬।୨ (ମନୋଜ ପ୍ରଧାନ)

ପବିତ୍ର ମହାଶିବରାତ୍ରି ତଥା ଜାଗର ଯାତ୍ରା ଉପଲକ୍ଷେ କୁଜଙ୍ଗ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଛି। ପାରାଦୀପଗଡ଼ର ଶ୍ରୀଲୋକନାଥ, ବାଘୁଆଠେଙ୍ଗର ବିଶ୍ୱନାଥ ମହାଦେବ, ତେନ୍ତୁଲିଆର ମଲ୍ଲିକେଶ୍ୱର, ଗୋପିଆକୁଦର ଶ୍ରୀ ଶ୍ରୀ ବନବିହାରୀ ମହାଦେବ, କୁଜଙ୍ଗ, ବାଗୋଇ, ମାହ୍ଲାସାହି ପ୍ରଭୃତି ଶୈବ ପୀଠରେ ସକାଳୁ ଶ୍ରଦ୍ଧାଳୁ ପହଞ୍ଚି ଜାଗର ବ୍ରତ ପାଳିବା ସାଙ୍ଗକୁ ମହାଦେବଙ୍କୁ ପୂଜାର୍ଚ୍ଚନା କରୁଥିବା ଦେଖାଯାଇଛି। ସନ୍ଧ୍ୟାରେ ବ୍ରତଧାରୀ ମନ୍ଦିରରେ ଦୀପଜାଳି ପ୍ରଭୁଙ୍କୁ ଆରାଧନା କରିଛନ୍ତି।


ଗୋପିଆକୁଦର ଶ୍ରୀ ଶ୍ରୀ ବନବିହାରୀ ମହାଦେବ ଶ୍ରଦ୍ଧାଳୁଙ୍କ ଗହଳି।

# ଚନ୍ଦ୍ରମୌଳୀ, ହରପାର୍ବତୀ ପୀଠରେ ଜାଗରଯାତ୍ରା

ପଟ୍ଟାମୁଣ୍ଡାଇ, ୨୬।୨ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇର ବିଭିନ୍ନ ପ୍ରସିଦ୍ଧ ଶୈବପୀଠରେ ବୁଧବାର ଜାଗର ଯାତ୍ରା ପାଳିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଉତିକଣର ପ୍ରସିଦ୍ଧ ଶୈବପୀଠ ଚନ୍ଦ୍ରମୌଳୀ ମନ୍ଦିରରେ ଭୋର ୪ଟାରୁ ସେବାୟତଙ୍କ ଦ୍ୱାରା ନୀତିକାନ୍ତି କରାଯାଇ ସର୍ବସାଧାରଣ ଦର୍ଶନ ପାଇଁ ପହଡ ଖୋଲାଯାଇଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ଶିବଙ୍କ ମନ୍ତ୍ର ଧ୍ୱନୀରେ ପୀଠ ପ୍ରକମ୍ପିତ ହୋଇଥିଲା। ଅନେକ ଶ୍ରଦ୍ଧାଳୁ ପୀଠରେ ପୂଜାର୍ଚ୍ଚନା କରିଥିଲେ। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନ ସାଢେ ୪ ଟାରେ ଠାକୁର ବେଢା ପରିକ୍ରମା କରିବା ପରେ ଭୋର ୪ଟାରେ ମହାଦୀପ ଉଠିଥିଲା। ସେହିପରି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ପ୍ରସିଦ୍ଧ ଶୈବପୀଠ ହରପାର୍ବତୀ ମନ୍ଦିରରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳୁ ମନ୍ଦିରର ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ପୂଜାର୍ଚ୍ଚନା କରାଯାଇଥିଲା। କଷଣଅଣ୍ଟା ଲକ୍ଷେଶ୍ୱର ମହାଦେବ, ବେଲତଳ ବେଲେଶ୍ୱର ମହାଦେବ, ପଟ୍ଟାମୁଣ୍ଡାଇ ଥାନା ଆଖଣ୍ଡଳମଣୀ ମନ୍ଦିର, ଦେଉଳି ନୀଳକଣ୍ଠେଶ୍ୱର ମନ୍ଦିର, ତନୁପୁର ମହାଦେବ ମନ୍ଦିର, ଖଡିଅଣ୍ଟା କପିଳେଶ୍ୱର ମନ୍ଦିର, ବାଲିପଡା ମହାଦେବ ମନ୍ଦିର, ବାଲିପାଟଣା ମହାଦେବ ମନ୍ଦିର, ନିମପୁର ଶିବ ମନ୍ଦିର, ତାତନା ଧବଳେଶ୍ୱର ମନ୍ଦିର, କାଠିଆପଡା ଦକ୍ଷିଣେଶ୍ୱର ମନ୍ଦିର, ନୀଳକଣ୍ଠପୁର ଶିବମନ୍ଦିରଙ୍କ ସମେତ ସମସ୍ତ ଶିବ ମନ୍ଦିରରେ ମହାଶିବରାତ୍ରି ଓ ଜାଗରଯାତ୍ରା ପାଳିତ ହୋଇଥିଲା।


ଚନ୍ଦ୍ରମୌଳୀ ପୀଠରେ ଜାଗର ଅବସରରେ ଉଜାଗର ରହି ବ୍ରତଧାରୀମାନେ ଦୀପ ଜାଳୁଛନ୍ତି।

# ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼


ଜଣେ ବାଲୁକାଶିଳ୍ପୀ ଶିବଙ୍କ ମୂର୍ତ୍ତି ନିର୍ମାଣ କରୁଛନ୍ତି।

ମହାକାଳପଡ଼ା, ୨୬।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକର ବିଭିନ୍ନ ଶୈବ ପୀଠରେ ଜାଗର ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା। ବାରଡ଼ାଙ୍ଗ ପଶ୍ଚିମେଶ୍ୱର, ନନ୍ତାରଠାରେ ମଣିନାଗେଶ୍ୱର, ଜମ୍ବୁଲକ୍ର ଗୋବରେଶ୍ୱର, ବାହାକୁଦଠାରେ ବାବା ବାଲୁଙ୍କେଶ୍ୱର, କଳପଡ଼ାଠାରେ ନୀଳକଣ୍ଠେଶ୍ୱର, ଦେଉଳପଡ଼ାଠାରେ ଗଜେଶ୍ୱର, ବିଜୟନଗରଠାରେ ଗର୍ଭେଶ୍ୱର, ଗୋପୀନାଥପୁର ଶାସନରେ ଗୋଷ୍ଟେଶ୍ୱରମହାଦେବ, ନଳଦିଆ ଶାସନରେ ଗ୍ରାମେଶ୍ୱର, ଗଡ଼ରୋମିଠାରେ ଚମ୍ପକେଶ୍ୱର, ଖୁରୁସିଆଠାରେ କପିଳେଶ୍ୱର, ବେଲାର ନୂଆଗାଁଠାରେ ଚନ୍ଦ୍ରଶେଖର, ମହାକାଳପଡାଠାରେ ପଶ୍ଚିମେଶ୍ୱର ଓ ରାମନଗରଠାରେ ବାବା ଶମ୍ଭୁ ସଦାଶିବ ପ୍ରମୁଖ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ରାତି ୧୨ଟା ପରେ ବିଭିନ୍ନ ଶୈବପୀଠରେ ମହାଦୀପ ଉଠିଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ରଞ୍ଜିତା


@ ରିଙ୍କୁ


@ ତପନ


@ ଶାଶ୍ୱତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବିଳମ୍ବିତ ରାତିରେ ଉଠିଲା ମହାଦୀପ



ଡେରାବିଶ, ୨୬।୨ (ବେବର୍ତ୍ତା ଅଜୟ ଦାସ)

ଜାଗର ପାଇଁ ବୁଧବାର ଡେରାବିଶ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଶୈବପୀଠ ଉତ୍ସବ ମୁଖର ହୋଇ ଉଠିଥିଲା। ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ବ୍ରତଧାରୀ ନିର୍ଜ୍ଜଳା ଉପବାସ ରହି ମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ଼ ଲଗାଇଥିଲେ। ମହାଦୀପ ଉଠିବା ପର୍ଯ୍ୟନ୍ତ ସମସ୍ତେ ଅପେକ୍ଷା କରିଥିଲେ। ବ୍ଲକ ଅଧୀନ ଗୋଲରାହାଟର କୁଅଁରପୁର (ଦେଉଳି) ସ୍ଥିତ ପ୍ରସିଦ୍ଧ ହରିଶଙ୍କର ମହାଦେବ ମନ୍ଦିର, ଚାଟରାଚକଡା ପଞ୍ଚାୟତର ଚାଟରାସ୍ଥିତ ଚାଟେଶ୍ୱର ମନ୍ଦିର, ନହଙ୍ଗ ପଞ୍ଚାୟତର ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱର ମନ୍ଦିର, ରଘୁଦେଇପୁର ପଞ୍ଚାୟତର ରାଜନଗରସ୍ଥିତ ଉମାକାନ୍ତେଶ୍ୱର, ପଲେଇ ପଞ୍ଚାୟତର ମଳିକେଶ୍ୱରପୁରସ୍ଥିତ ମଳିକେଶ୍ୱର ମନ୍ଦିର, ଏଣ୍ଡର ପଞ୍ଚାୟତର ପଞ୍ଚୁପାଣ୍ଡବ ସ୍ଥିତ ରାମେଶ୍ୱର ଓ ବଟେଶ୍ୱର ମନ୍ଦିର ଏବଂ ନୀଳକଣ୍ଠପୁରସ୍ଥିତ ଶୃଙ୍ଗାରେଶ୍ୱର ମହାଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। କେତେକ ଶୈବ ପୀଠରେ ଅଖଣ୍ଡ ଶିବ ପଞ୍ଚାକ୍ଷର ମନ୍ତ୍ର ସହ ଭଜନ, ସଂକୀର୍ତ୍ତନ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଶୈବପୀଠ ସମ୍ମୁଖରେ ଭୋଗ ସମେତ ଅନ୍ୟାନ୍ୟ ମନୋହରୀ ଦୋକାନ ଖୋଲିଥିଲା। ଡେରାବିଶ ଓ ନିକିରେଇ ଥାନା ପକ୍ଷରୁ ଆଇନ ଶୃଙ୍ଖଳା ପାଇଁ ପୋଲିସ ବ୍ୟବସ୍ଥା କରାଯାଇଥିଲା। ବିଳମ୍ବିତ ରାତିରେ ବିଭିନ୍ନ ଶୈବପୀଠରେ ମହାଦୀପ ଉଠିଥିଲା। ଶ୍ରଦ୍ଧାଳୁମାନେ ଉଜାଗର ରହି ଦୀପ ଜାଳିବା ସହିତ ପୂଜାର୍ଚ୍ଚନା କରିଥିଲେ।

# ଲକ୍ଷାଧିକ ଶ୍ରଦ୍ଧାଳୁ ଲଡୁବାବାଙ୍କ ଦର୍ଶନ କଲେ

**ଶରଣକୁଳ,୨୬।୨(ଦୀପକ କର)**

ଶିବ ଉପାସନାର ମହାନ୍ ପର୍ବ ମହାଶିବରାତ୍ରି ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ପୀଠରେ ମହାସମାରୋହରେ ପାଳିତ ହୋଇଯାଇଛି। ମନ୍ଦିର ଗମ୍ଭୀରା ଭିତରେ ମହାମୃତ୍ୟୁଞ୍ଜୟ ମନ୍ତ୍ର , ଓଁ ନମଃ ଶିବାୟ, କାଳ ଭୈରାଷ୍ଟକ ଓ ମହାଦେବଙ୍କ ଗାୟତ୍ରୀ ମନ୍ତ୍ର ଅହରହ ଚାଲିଥିବା ବେଳେ ମନ୍ଦିର ବାହାରେ ଶିବ ପଞ୍ଚାକ୍ଷରୀ ମନ୍ତ୍ରରେ ଗଗନ ପବନ ପ୍ରକମ୍ପିତ ହେଉଥିଲା। ଲକ୍ଷାଧିକ ଶ୍ରଦ୍ଧାଳୁ ଜାଗର ଜାଳି ନିଜ ପରିବାରର ମଙ୍ଗଳ କାମ କରିଥିଲେ।

ଏଥିପାଇଁ ପୂର୍ବ ରାତି ଅର୍ଥାତ୍ ମଙ୍ଗଳବାର ରାତି ୧୨ଟାରୁ ଭୋର ୩ଟା ମଧ୍ୟରେ ଅବକାଶ ନୀତି, ବଲ୍ଲଭ ନୀତି, ଶଙ୍ଖୁଡି ଭୋଗ ଶେଷ ହେବା ପରେ ବୁଧବାର ସନ୍ଧ୍ୟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ପାଇଁ ମନ୍ଦିର ଖୋଲାରହିଥିଲା। ସନ୍ଧ୍ୟା ୬.୩୦ରୁ ୭.୩୦ ପର୍ଯ୍ୟନ୍ତ ଟେରା ନୀତି ହେବା ପରେ ରାତି ୧୦.୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ହୋଇଥିଲା। ରାତ୍ର ୧୦.୩୦ରେ ଲଡୁବାବାଙ୍କ ବେଢା ପରିକ୍ରମା ଆରମ୍ଭ ହୋଇ ରାତ୍ର ୧୨ଟାରେ ମହାଦୀପ ଉଠିଥିଲା।


ଲଡୁବାବାଙ୍କ ମନ୍ଦିର ପରିସରରେ ଦୀପ ଜାଳୁଛନ୍ତି ଭକ୍ତ।

ବେଢ଼ା ପରିକ୍ରମା ସରିବା ପରେ ଠାକୁରଙ୍କ ବଡ଼ସିଂହାର ଓ ଅନ୍ୟାନ୍ୟ ଦେବନୀତି ସମ୍ପନ୍ନ କରାଯାଇ ମନ୍ଦିର ବନ୍ଦ କରାଯାଇଥିଲା। ବର୍ଷରେ ଥରେ ଅର୍ଥାତ୍ ମହାଶିବରାତ୍ରିରେ ବାବାଙ୍କଠାରେ ରାଣୀକେତକୀ ଫୁଲ ଲାଗି କରାଯାଇଥିଲା। ଏହାପରେ ଲଡୁବାବାଙ୍କ ରୁଦ୍ରାଭିଷେକ କରାଯାଇଥିଲା। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ମନ୍ଦିର ବେଢ଼ା, ପୁଷ୍କରିଣୀର ଚତୁଃପାର୍ଶ୍ୱ ଏବଂ ମନ୍ଦିର ସାମ୍ନା ରାସ୍ତାରେ ଦୀପ ଜାଳି ମହାଦୀପ ଉଠିବାକୁ ଅପେକ୍ଷା କରି ରହିଥିଲେ। ଶ୍ରଦ୍ଧାଳୁମାନେ ଲମ୍ବା ଧାଡ଼ିରେ ବ୍ୟାରିକେଡ୍ ଦେଇ ବାବାଙ୍କ ଦର୍ଶନ କରିଥିଲେ। ବହୁଭକ୍ତ ମନ୍ଦିର ବେଢାରେ ଗୁହାରିଆ ପଡିଥିଲେ।

ମନ୍ଦିର ପ୍ରଶାସନ ତରଫରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ଛାମୁଣ୍ଡିଆ ବ୍ୟବସ୍ଥା କରାଯାଇଥିଲା। ଭକ୍ତଙ୍କ ପାଇଁ ଶରଣକୁଳ ପଞ୍ଚାୟତ, ସତ୍ୟସାଇ ସେବା ସଙ୍ଗଠନ, ଗ୍ରୀନ କ୍ଲବ, ଶରଣକୁଳ ମହାବିଦ୍ୟାଳୟ ତରଫରୁ ପାଣି, ଦହିପଣା ବଣ୍ଟନ ଓ ପାଣି ସିଞ୍ଚନର ବ୍ୟବସ୍ଥା କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ତାପସ ରଞ୍ଜନ ସେନାପତିଙ୍କ ତତ୍ତ୍ୱାବଧାନରେ ଆଶୁ ଚିକିତ୍ସା କେନ୍ଦ୍ର ଖୋଲାଯାଇଥିଲା। ଶୈବ ସେବାୟତ ସଂଘ ତରଫରୁ ଏକ ସୂଚନାକେନ୍ଦ୍ର ସ୍ଥାପନ କରାଯାଇଥିଲା। ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ବାଚସ୍ପତି ସୁରମା ପାଢ଼ୀ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ନୟାଗଡ଼ ଉପଜିଲାପାଳ ତଥା ଦେବୋତ୍ତର ବିଭାଗ ନିର୍ବାହୀ ଅଧିକାରୀ କର୍ଣ୍ଣଦେବ ସମାଦାର, ଓଡ଼ଗାଁ ତହସିଲଦାର ମାନସ ରଞ୍ଜନ ଭୋଇ, ଶରଣକୁଳ ଏସ୍‌ଡିପିଓ ଦୀପ୍ତିକାନ୍ତ ପ୍ରଧାନ, ଶରଣକୁଳ ଥାନା ଅଧିକାରୀ ପରମାନନ୍ଦ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

ଲଡୁବାବାଙ୍କ ମନ୍ଦିରକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ଆୟୋଜିତ ହୋଇଥିଲା। ଦେବୋତ୍ତର ବିଭାଗ ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ, ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼, ଶୈବ ସେବାୟତ ସଂଘର ସଭାପତି ଅଶୋକ ମହାପାତ୍ର ଓ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଠାକୁରଙ୍କ ନୀତିକାନ୍ତିକୁ ପରିଚାଳନା କରିବାର ବ୍ୟବସ୍ଥା କରିଥିଲେ। ଏହି ଅବସରରେ ଯାତ୍ରା ପଡିଆରେ ରାମଦୋଳି, ମିନାବଜାର, ବିଭିନ୍ନ କିସମର ଦୋକାନ, ଚଟ୍‌ପଟି ଓ ଫାଷ୍ଟଫୁଡ୍ ଷ୍ଟଲ୍‌ରେ ପ୍ରବଳ ଭିଡ ଲାଗିରହିଥିଲା। ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଅପେରା ଧଉଳି ଓ ସିଂହବାହିନୀ ଯାତ୍ରା ପରିବେଷଣ ହେଉଛି।

## ତ୍ରିଲୋକ ଭବନରେ ମହାଶିବରାତ୍ରି ପାଳିତ

**ଓଡ଼ଗାଁ,୨୬।୨(ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ତଥା ତହସିଲ କାର୍ଯ୍ୟାଳୟ ସନ୍ନିକଟ ତୋଟାସାହି ବ୍ରହ୍ମା କୁମାରୀ ଉପସେବାକେନ୍ଦ୍ର ତ୍ରିଲୋକ ଭବନଠାରେ ମହାଶିବରାତ୍ରି ଅବସରରେ ୮୯ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମାକୁମାର ଓ ବ୍ରହ୍ମାକୁମାରୀ ଭଉଣୀ ଓ ଭାଇମାନେ ରଘୁନାଥ ମନ୍ଦିର ନିକଟରୁ ସହର ପରିକ୍ରମା ପୂର୍ବକ ତ୍ରିଲୋକ ଭବନରେ ପହଞ୍ଚି ଥିଲେ। ଉପସେବା କେନ୍ଦ୍ର ନିକଟରେ ସମବେତ ଶ୍ରଦ୍ଧାଳୁଙ୍କ ଗହଣରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ ଶିବ ପତାକା ଉତ୍ତୋଳନ କରିବା ସହିତ ଉଦ୍‌ବୋଧନ ଦେଇ ଶିବ ବାବାଙ୍କ ଜୟନ୍ତୀରେ କେକ୍ କାଟିଥିଲେ। ଖବରଦାତା ଆଦର୍ଶ କୁମାର ପଟ୍ଟନାୟକ, ଅଶୋକ କୁମାର ମହାପାତ୍ର, ସାରସ ମିଶ୍ର ପ୍ରମୁଖଙ୍କ ସହିତ ବ୍ରହ୍ମାକୁମାର ସୂର୍ଯ୍ୟ ନାରାୟଣ, ଇନ୍ଦ୍ର ମହାରାଜା, ବ୍ରଜବନ୍ଧୁ ହଜାରୀ, ସୁକାନ୍ତ କୁମାର ସାହୁଙ୍କ ସହିତ ପରିବାରର ସମସ୍ତ ଈଶ୍ୱରୀୟ ଭାଇ ଓ ଭଉଣୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କଳିର ଅନ୍ତ ଏବଂ ସତ୍ୟଯୁଗର ଆରମ୍ଭ ଏହିଭଳି ସନ୍ଧିକ୍ଷଣର ଅପୂର୍ବ ସଙ୍ଗମ ସମୟର ସଦ୍‌ବ୍ୟବହାର କରିବାକୁ ସୂର୍ଯ୍ୟ ଭାଇ ସମସ୍ତଙ୍କୁ ନିବେଦନ କରିଥିଲେ। ତ୍ରିଲୋକ ଭବନର ମୁଖ୍ୟ ପରିଚାଳିକା ବ୍ରହ୍ମାକୁମାରୀ ବାସନ୍ତୀ ଭଉଣୀ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ଫୋପାଡ଼ିଲେ ଲଡୁବାବାଙ୍କ ଅନ୍ନଭୋଗ

- ସକାଳ ଓ ମଧାହ୍ନ ଭୋଗ ନଷ୍ଟ ହୋଇ ଯାଇଥିଲା
- ଭୋଗବିକ୍ରି ଘରେ ତାଲା ପକାଇ ରହିଥିଲା

**ନୟାଗଡ଼,୨୬।୨(ଲୋକନାଥ ମିଶ୍ର)**

ମହାଶିବରାତ୍ରିରେ ଓଡିଶାର ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଲଡୁବାବାଙ୍କ ସକାଳ ଓ ମଧ୍ୟାହ୍ନ ଭୋଗ ଫୋପାଡା ଯାଇଥିବାର ଅଭିଯୋଗ ହୋଇଛି । ଠାକୁରଙ୍କ ଭୋଗ ଗନ୍ଧେଇ ଯିବା ପରେ ଲୁଚାଇ ଫୋପଡା ଯାଇଛି । ଠାକୁରଙ୍କ ଅନ୍ନଭୋଗ ମନ୍ଦିର ପ୍ରଶାସନର ଭୋଗ ବିକ୍ରୀ ଘରେ ଗଛିତ ରହିଥିବା କେତେଜଣ ଭକ୍ତ ଦେଖିଥିଲେ । ଭୋଗ ଥାଇ ମନା କରିବା ପରେ ଭକ୍ତ ବାରମ୍ବାର ଭୋଗ ବିକ୍ରି କର୍ମଚାରୀ ଓ ସୁପରଭାଇଜରଙ୍କୁ ମାଗିଥିଲେ । ତେବେ ଉଭୟ ଶେଷ ହୋଇଛି ଦର୍ଶାଇ ଭକ୍ତଙ୍କୁ ମନା କରିବା ପରେ ଅନ୍ନ ଭୋଗକୁ କାହିଁକି ମନ୍ଦିର ପ୍ରଶାସନ ଲୁଚାଇ ରଖିଛି ସେନେଇ ଭକ୍ତଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା । ଭୋଗ ବିକ୍ରି ଘରେ ସକାଳ ଓ ମଧାହ୍ନ ଅନ୍ନଭୋଗ ରହିଥିବାର ପ୍ରମାଣ ଦେବା ପାଇଁ କେତେଜଣ ଭକ୍ତ ଭୋଗ ବିକ୍ରୀ ଘର ପାଖରେ ଅପେକ୍ଷା କରି ରହିଥିଲେ । କିଛି ସମୟ ଅପେକ୍ଷା ପରେ କର୍ମଚାରୀ ଭୋଗ ଗଚ୍ଛିତ ଘର ଖୋଲିବା ପରେ ୫ ଥାଳି ଭୋଗ, ୨ ହଣ୍ଡାରେ ଅନ୍ନ ଓ ତରକାରୀ, ଗୋଟିଏ ମାଟିପାତ୍ରରେ ଡାଲି ରଖାଯାଇଥିବାର ପ୍ରମାଣ ମିଳିଲା । ମଧାହ୍ନ ଭୋଗରେ ଅନ୍ନ, ଡାଲି ଥିବାବେଳେ ସକାଳ ଭୋଗରେ କାନିକା, ଖେଚୁଡି ଡାଲି, ତରକାରି, ଭଜା, ଖିରି, ଖଟା ରହିଥିଲା।


ଲଡୁବାବାଙ୍କ ମନ୍ଦିର କକ୍ଷରେ ରଖାଯାଇଥିବା ଭୋଗ।

ଭୋଗ ଥାଇ କାହିଁକି ଭକ୍ତଙ୍କୁ ଭୋଗ ଦିଆଯାଇ ନ ଥିଲା ସେନେଇ ଭକ୍ତଙ୍କ ମନରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏପରିକି ଭୋଗ ଥାଇ କାହିଁକି ଭୋଗକୁ ଭକ୍ତଙ୍କୁ ଦିଆ ଗଲା ନାହିଁ ସେନେଇ ବାରମ୍ବାର ପ୍ରଶ୍ନ କରାଯାଇଥିଲା । ଖବର ପାଇ ଗଣମାଧ୍ୟମର ପ୍ରତିନିଧି ପହଞ୍ଚି ସୁପର ଭାଇଜର ଓ ଭୋଗ ବିକ୍ରି ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ । ଭୋଗ ବିକ୍ରି ଦାୟିତ୍ୱରେ ଥିବା କର୍ମଚାରୀ ପ୍ରଥମେ ଭୋଗ ଆଦୌ ନାହିଁ କହିଥିଲେ । ପରେ କହିଥିଲେ ଭୋଗ ବିକ୍ରି ପାଇଁ ନୁହେଁ କିଛି ସ୍ୱତନ୍ତ୍ର ଭକ୍ତଙ୍କ ପାଇଁ ରହିଥିଲା । ଭୋଗ ବିଳମ୍ବିତ ରାତିରେ ପ୍ରସ୍ତୁତ ହୋଇଥିବାରୁ ଦୁର୍ଗନ୍ଧ ବାହାରିଥିଲା । ଏଣୁ କାହାକୁ ନ ଦେଇ ଲୁଚାଇ ରଖାଯାଇଥିଲା । ନଷ୍ଟ ଭୋଗକୁ ଆପଣମାନଙ୍କୁ ଦେଲେ ପୁଣି ଅନେକ ପ୍ରଶ୍ନ ଉଠିବ । ଏଣୁ ଆମେ ଭୋଗ ଥାଇ ଜାଣିଶୁଣି ମନା କରିଥିଲୁ । ଆପଣଙ୍କର ଏତେ ପ୍ରଶ୍ନର ଉତ୍ତର ମୁଁ ଦେଇ ପାରିବି ନାହିଁ କହି ସେ ଏଡାଇ ଯାଇଥିଲେ । ଉପାସରେ ଲଡୁବାବା : ମହାଶିବରାତ୍ରୀ ପରି ପବିତ୍ର ଦିବସରେ ଲଡୁବାବା ମଧାହ୍ନରେ ଉପାସରେ ରହିଛନ୍ତି । ଭକ୍ତଙ୍କ ଭୋଗରେ ଠାକୁରଙ୍କ କାମ ଚଳାଇ ନେଉଛନ୍ତି । କରୋନା ପରେ ୨୦୨୨ ପରଠାରୁ ଲଡୁବାବାଙ୍କର ପୂଜାନୀତି ଓ ବହୁ ବର୍ଷର ପରମ୍ପରାକୁ ବଦଳାଇବା ପରେ ପ୍ରତିବାଦ ଉଠିଛି । ଭକ୍ତଙ୍କ ଦର୍ଶନକୁ ସୁବିଧା କରିବା ପାଇଁ ଲଡୁବାବାଙ୍କ ମଧାହ୍ନ ଭୋଗର ସମୟକୁ ପରିବର୍ତ୍ତନ କରାଯାଇଛି । ଏଣୁ ୪ ବର୍ଷ ହେଲା ଠାକୁର ମହା ଶିବରାତ୍ରିର ମଧାହ୍ନ ଭୋଗ ପାହାନ୍ତିଆ ସମୟରେ ହୋଇଯାଉଛି । ଲଡୁବାବାଙ୍କ ଯଦି ସନ୍ଧ୍ୟା ଭୋଗ ପାଇଁ ମନ୍ଦିର ୧ ଘଣ୍ଟା ବନ୍ଦ ରହି ପାରୁଛି ତେବେ ମଧାହ୍ନ ଅନ୍ନଭୋଗ ପାଇଁ ଅଧ ଘଣ୍ଟାଏ ବନ୍ଦ କରାଗଲେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ କରାଯାଇଛି । ଜାଗର ପାଇଁ ମଙ୍ଗଳବାର ରାତି ୧୨ଟା ୧ ରେ ମନ୍ଦିର ଖୋଲା ଯାଇ ରାତି ସାଢ଼େ ୧୨ରେ ଅବକାଶ ନୀତି, ସାଢ଼େ ୧ଟାରୁ ୨ଟା ଭିତରେ ବଲ୍ଲଭ ଭୋଗ, ସାଢ଼େ ୨ଟାରେ ସକାଳର ଅନ୍ନ ଭୋଗ, ରାତି ୩ଟାରେ ସେବାୟତଙ୍କ ପୁଡା ଭୋଗ, ପରେ କ୍ଷୀରାଭିଷେକ, ମଧ୍ୟାହ୍ନର ଅନ୍ନ ଭୋଗ ଲାଗି ହୋଇଥିଲା । ଭୋର ୪ଟାରୁ ସନ୍ଧ୍ୟା ସାଢ଼େ ୬ଟା ଭକ୍ତଙ୍କ ପାଇଁ ଦର୍ଶନ ପାଇଁ ବ୍ୟବସ୍ଥା ହୋଇଥିଲା । ୧ ଘଣ୍ଟା ମନ୍ଦିର ବନ୍ଦ ସମୟରେ ଟେରା ଭୋଗ ଓ ଅନ୍ନଭୋଗ ପରେ ସନ୍ଧ୍ୟା ସାଢ଼େ ୭ରୁ ସାଢ଼େ ୧୦ ଟା ପର୍ଯ୍ୟନ୍ତ ପୁଣି ଭକ୍ତଙ୍କ ପାଇଁ ଦର୍ଶନ ବ୍ୟବସ୍ଥା ରହିଥିଲା ।

କରୋନା ପରେ ଠାକୁରଙ୍କ ପୂଜା ନୀତି ଓ ଭୋଗ ବଦଳିଯିବା ପରେ ପ୍ରଶ୍ନ ଉଠୁଛି ମନ୍ଦିର ପ୍ରଶାସନ ଭକ୍ତଙ୍କ ଦର୍ଶନକୁ ଯେପରି ପ୍ରାଧାନ୍ୟ ଦେଉଛି ସେପରି ଠାକୁରଙ୍କ ନୀତିକାନ୍ତିଙ୍କୁ ଅଣଦେଖା କରିବା ଅନୁଚିତ । ଆସନ୍ତା ବର୍ଷଠାରୁ ସନ୍ଧ୍ୟାଧୂପ ପରି ମଧାହ୍ନ ନୀତି ପାଇଁ ପ୍ରାୟ ଅଧ ଘଣ୍ଟାଏ ମନ୍ଦିର ବନ୍ଦ ରଖିବା ପାଇଁ ଭକ୍ତଙ୍କ ପକ୍ଷରୁ ଶ୍ରୀନିବାସ ପ୍ରଧାନ, ବାମଦେବ ନାୟକ, ସଦାଶିବ ମିଶ୍ର, ଉମାକାନ୍ତ ପତି, ରବୀନ୍ଦ୍ର ନାଥ ସାହୁ, ଭିମସେନ ପତ୍ର ପ୍ରମୁଖ ଭକ୍ତ ଦାବି କରିଛନ୍ତି ।ମନ୍ଦିର ସୁପର ଭାଇଜର ସୁବାସ ଚନ୍ଦ୍ର ବରାଡଙ୍କୁ ପଚାରିବାରୁ କହିଥିଲେ ବିଳମ୍ବିତ ରାତିରେ ଅନ୍ନଭୋଗ ହୋଇଥିବାରୁ ଭୋଗ ଆଉ ନାହିଁ । ତେବେ ଭୋଗ ବିକ୍ରି ଘରେ ଭୋଗ ନଷ୍ଟ ହେଉଥିବା ଓ ଗଚ୍ଛିତ ଥିବା କହିବାରୁ ମୁଁ ଜାଣିନି କିଏ ରଖିଛି । ପଚାରିବା ପରେ ମୁଁ ପଦକ୍ଷେପ ନେବି କହି ଏଡାଇ ଯାଇଥିଲେ । ଦେବୋତ୍ତର ବିଭାଗର ମ୍ୟାନେଜର ତାପସ ରଞ୍ଜନ ପଟ୍ଟନାୟକ କୁହନ୍ତି, କରୋନା ପରଠାରୁ ଠାକୁରଙ୍କ ରୀତିନୀତି ବଦଳି ଯାଇଛି । ଠାକୁର ମଧାହ୍ନ ଭୋଗରେ ଭକ୍ତଙ୍କ ଭୋଗ ଖାଉଛନ୍ତି ବୋଲି କହିଥିଲେ ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରଞ୍ଜିତା


@ ରିଙ୍କୁ


@ ତପନ


@ ଶାଶ୍ୱତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ନୟାଗଡ଼ ଉପକଣ୍ଠସ୍ଥିତ ସିନ୍ଦୂରିଆ ଲୋକନାଥଦେବ।


ନୟାଗଡ଼ କଲେଜରୋଡ୍‌ର ବାଲୁଙ୍କେଶ୍ୱର ମନ୍ଦିର।


କଲଥଗାଡିଆ ରାସ୍ତାର ସିଦ୍ଧେଶ୍ୱର ମହାଦେବ।


ଖଣ୍ଡପଡ଼ାରୋଡ୍‌ର ଆଖଣ୍ଡଳମଣି ମନ୍ଦିର।


ନୟାଗଡ଼ ସହରର ରାମେଶ୍ୱର ପୀଠ।


ଦୁର୍ଗାପ୍ରସାଦ ଜଳେଶ୍ୱରଦେବ।

